International Parkinson and Movement Disorder Society

# ପାର୍କିନ୍ସନ୍ ରୋଗରେ ଜ୍ଞାନଗତ ଦୁର୍ବଳତା ଏବଂ ଆଚରଣଗତ ସମସ୍ୟା : ରୋଗୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ।

## ପାର୍କିନ୍ସନ୍ ରୋଗରେ କେଉଁ ପ୍ରକାର ଜ୍ଞାନଗତ ସମସ୍ୟା ହୋଇପାରେ ?

ପାର୍କିନ୍ସନ ରୋଗ (PD) ଥିବା ଅନେକ ଲୋକଙ୍କର ଭଲ ସ୍ମୃତି ଏବଂ ଚିନ୍ତାଧାର (ଜ୍ଞାନ) ଥାଏ ଏବଂ ସ୍ୱାଭାବିକ ଭାବରେ କାର୍ଯ୍ୟ କରିଥାଏ। ଯଦିଓ, ସାଧାରଣ ବାର୍ଦ୍ଧକ୍ୟ ସହିତ ଭୁଲିଯିବା ଘଟିପାରେ, ଚଢ ଗୁରୁତର ହେବା ସହିତ ଧ୍ୟାନ, ଚିନ୍ତା ଏବଂ ସ୍ମୃତିରେ ଅଧିକ ଗମ୍ଭୀର ସମସ୍ୟା ହୋଇପାରେ।

PD ରେ ସାଧାରଣ ଜ୍ଞାନଗତ ସମସ୍ୟାଗୁଡ଼ିକ ହେଉଛି :

- ଧ୍ୟାନ ଦେବା କିମ୍ବା ଏକାଗ୍ରତାରେ ଅସୁବିଧା।
- ବ୍ୟସ୍ତବହୁଳ ଦିନର ଆୟୋଜନ ପରି କାର୍ଯ୍ୟ ଆୟୋଜନ କରିବାରେ ଅସୁବିଧା।
- ଏକ ଜଟିଳ ବାର୍ତ୍ତାଳାପ ଅନୁସରଣ କରିବା କିମ୍ବା ଜଟିଳ ସମସ୍ୟାର ସମାଧାନ କରିବାରେ ଅସୁବିଧା।
- ଶୀଘ୍ର ଚିନ୍ତାଧାର ଗଠନ କରିବାରେ ଅସୁବିଧା।
- କାର୍ଯ୍ୟ କିମ୍ବା କାର୍ଯ୍ୟ ବିବରଣୀ ମନେରଖିବାରେ ଅସୁବିଧା। ଯଦିଓ, ଇସାରା କିମ୍ବା ଇଙ୍ଗିତ ପ୍ରାୟତଃ ସ୍ମୃତିକୁ ଫେରାଇ ଆଣିଥାଏ।

ଯେତେବେଳେ ପରିବର୍ତ୍ତନଗୁଡ଼ିକ ଛୋଟ ଥାଏ ଏବଂ ତୁମର ଦୈନନ୍ଦିନ ଜୀବନ ଉପରେ ଗଭୀର ପ୍ରଭାବ ପକାଇ ନ ଥାଏ, ଏହାକୁ ସାମାନ୍ୟ ଜ୍ଞାନଗତ ଦୁର୍ବଳତା କୁହାଯାଏ। ଯେତେବେଳେ ଦୈନନ୍ଦିନ କାର୍ଯ୍ୟକଳାପକୁ ପ୍ରଭାବିତ କରିବା ପାଇଁ ପରିବର୍ତ୍ତନ ଯଥେଷ୍ଟ ଗମ୍ଭୀର ହୁଏ, ଏହାକୁ ଡିମେନ୍ସିଆ (Dementia) କୁହାଯାଏ।

## ଜ୍ଞାନଗତ ସମସ୍ୟା କାହିଁକି ହୁଏ ?

ମସ୍ତିଷ୍କରେ ଯେଉଁ ଅଂଶଗୁଡ଼ିକ ଧ୍ୟାନ, ଚିନ୍ତା ଏବଂ ସ୍ମୃତିକୁ ନିୟନ୍ତ୍ରଣ କରେ, ତାହା ଯେତେବେଳେ ଚଢ ରୋଗରେ ପ୍ରଭାବିତ ହୁଏ, ସେତେବେଳେ ମାନସିକ ଦକ୍ଷତାର ପରିବର୍ତ୍ତନ ଘଟେ। ଅଧିକାଂଶ କ୍ଷେତ୍ରରେ ଏହା କେବଳ ରୋଗର ଶେଷ ଭାଗରେ ହୁଏ କିମ୍ବା ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ ହେଲେ ହୋଇଥାଏ।

## ମତିଭ୍ରମ (Hallucination) ଓ ଭ୍ରାନ୍ତି (Delusion):

ଯେଉଁ ପିଡ଼ି ରୋଗୀଙ୍କର ଜ୍ଞାନଗତ ଦୁର୍ବଳତା ଥାଏ ସେମାନଙ୍କର ମଧ୍ୟ ମତିଭ୍ରମ  କିମ୍ବା ଭ୍ରାନ୍ତି ହୋଇପାରେ। ମତିଭ୍ରମରେ ଲୋକମାନେ ଜାଗ୍ରତ ଅବସ୍ଥାରେ ପ୍ରକୃତରେ ନ ଥିବା ଜିନିଷକୁ ଦେଖିବା କିମ୍ବା ଶୁଣିବାକୁ ପାଇଥାନ୍ତି। ପିଡ଼ିରେ ମତିଭ୍ରମ ପ୍ରାୟତଃ ଦେଖିବା ଆକାରରେ ହୋଇଥାଏ। ସେମାନେ ପଶୁମାନଙ୍କୁ  'ଦେଖିବା' କିମ୍ବା ସେଠାରେ ନଥିବା ଲୋକଙ୍କୁ ଦେଖିଥାନ୍ତି। ପ୍ରଥମେ ଅଧିକାଂଶ ଲୋକ ସ୍ୱୀକାର କରନ୍ତି ଯେ ମତିଭ୍ରମ୍ ବାସ୍ତବ ନୁହେଁ। ପରେ ବାସ୍ତବ କ'ଣ ଏବଂ କ'ଣ ନୁହେଁ ତାହା କହିବା କଷ୍ଟକର ହୋଇପାରେ। ପିଡ଼ି ରୋଗୀମାନଙ୍କର ମଧ୍ୟ ମାୟା (Illusion) ହୋଇପାରେ, ଯେପରିକି କାନ୍ଥରେ ଏକ ଦାଗକୁ କୀଟ ବୋଲି ଭାବିବା।

ଭ୍ରାନ୍ତି (Delusion) ହେଉଛି, ମିଥ୍ୟା ବିଶ୍ୱାସ ଯାହା ବାସ୍ତବତା କିମ୍ବା ତଥ୍ୟ ଉପରେ ଆଧାରିତ ନୁହେଁ। ସାଧାରଣତଃ ଭ୍ରାନ୍ତିରେ ରୋଗୀମାନେ ଭାବନ୍ତି ଯେ ଘରେ ଜଣେ ଅତିରିକ୍ତ ଲୋକ ବାସ କରୁଛନ୍ତି, ଆପଣଙ୍କ ଜୀବନ ସାଥୀ ପ୍ରତାରଣା କରୁଛନ୍ତି କିମ୍ବା କେହି ଆପଣଙ୍କ ଠାରୁ ଚୋରି କରୁଛନ୍ତି। ଏହା ସାଧାରଣତଃ ଅଧିକ ଉନ୍ନତସ୍ତରୀୟ ପିଡ଼ିରେ ହୋଇଥାଏ।

ସାମାନ୍ୟ ମତିଭ୍ରମ ଯାହାକୁ ଆପଣ ସହଜରେ ମତିଭ୍ରମ ଭାବରେ ଚିହ୍ନିପାରିନ୍ତି, ତାହାର ଚିକିତ୍ସାର ଆବଶ୍ୟକତା ନାହିଁ। ଏହା ଜରୁରୀ ଯେ ଆପଣଙ୍କର ଡାକ୍ତର ଯାଂଚ କରନ୍ତୁ ଯେ ଆପଣଙ୍କର ସଂକ୍ରମଣ ନାହିଁ, ବିଶେଷ କରି ମୂତ୍ର ନଳୀରେ କିମ୍ବା ଆପଣ ଏକ ଔଷଧରେ ନାହାନ୍ତି ଯାହା ମତିଭ୍ରମ ଏବଂ ଭ୍ରାନ୍ତି ସୃଷ୍ଟି କରିପାରେ। ଶୋଇବା କିମ୍ବା ଯନ୍ତ୍ରଣା ଲାଗି ଦିଆଯାଉଥିବା ଔଷଧକୁ ନିୟନ୍ତ୍ରଣ କରି ମତିଭ୍ରମ ଏବଂ ଭ୍ରାନ୍ତିର ପ୍ରାୟତଃ ଚିକିତ୍ସା କରାଯାଇପାରେ। ଯଦି ଏହି ପରିବର୍ତ୍ତନଗୁଡ଼ିକ ସତ୍ତ୍ୱେ ଏହି ସମସ୍ୟାଗୁଡ଼ିକ ଜାରି ରହେ ତେବେ ଆପଣଙ୍କର ଡାକ୍ତର ଆପଣଙ୍କର କିଛି ପିଡ଼ି ଔଷଧ ହ୍ରାସ କରିବାକୁ ଚେଷ୍ଟା କରିପାରନ୍ତି। ଯଦି ତାହା ସାହାଯ୍ୟ କରେ ନାହିଁ, କିମ୍ବା ଏହା ଆପଣଙ୍କ ଗତିବିଧିକୁ ଖରାପ କରିଦିଏ ତେବେ ଆପଣଙ୍କର ଡାକ୍ତର କିଛି ଔଷଧ ଲେଖିପାରନ୍ତି। ଏହା ସହିତ କ୍ଲୋଜାପିନ୍ କିମ୍ବା କ୍ୱିଟିଆପିନ୍ ମତିଭ୍ରମ କିମ୍ବା ଭ୍ରାନ୍ତିରେ ସାହାଯ୍ୟ କରିପାରେ କିନ୍ତୁ ପାର୍ଶ୍ୱ ପ୍ରତିକ୍ରିୟା ଭାବରେ ନିଦ୍ରା ସୃଷ୍ଟି କରିପାରେ। କ୍ଲୋଜାପିନ୍ ଖାଉଥିବା ରୋଗୀ ନିୟମିତ ରକ୍ତ ପରୀକ୍ଷା କରିବା ଆବଶ୍ୟକ।

## ଜ୍ଞାନଗତ ସମସ୍ୟା ପାଇଁ ମୁଁ କ'ଣ କରିପାରିବି ?

ଉପଯୁକ୍ତ ବ୍ୟାୟାମ, ଖାଦ୍ୟ, ଶୋଇବା ଏବଂ ରକ୍ତଚାପ ନିୟନ୍ତ୍ରଣରେ ଜ୍ଞାନଗତ କାର୍ଯ୍ୟକୁ ବୃଦ୍ଧି କରିଥାଏ।

ଚିନ୍ତା, ସ୍ମୃତି କିମ୍ବା ନିଷ୍ପତ୍ତି ନେବାରେ ସମସ୍ୟା ଯଦି ଆପଣଙ୍କର ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରିବାକୁ ଆରମ୍ଭ କରେ ତେବେ ଆପଣଙ୍କର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଆପଣଙ୍କର ଡାକ୍ତର ହୁଏତ ଆପଣଙ୍କର ଜ୍ଞାନଗତ ପରୀକ୍ଷା କରିପାରନ୍ତି। PD କିମ୍ବା ଅନ୍ୟାନ୍ୟ ରୋଗରେ ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ବେଳେବେଳେ ଜ୍ଞାନକୁ ଖରାପ କରିଥାଏ। ବଟିକା ଡବା ବା ଔଷଧ ଅନୁସ୍ମାରକ ବ୍ୟବହାର କରିବା ଦ୍ୱାରା ସାହାଯ୍ୟ ମିଳିଥାଏ।

ଯଦି ସ୍ମୃତି ସମସ୍ୟା ଗମ୍ଭୀର ହୋଇଥାଏ :

- ଭବିଷ୍ୟତରେ ରହିବାର ବ୍ୟବସ୍ଥା ଯେପରିକି ଘର ଭିତ୍ତିକ ଯତ୍ନ କିମ୍ବା ଡାକ୍ତରଖାନା ଭିତ୍ତିକ ଯତ୍ନ ସୁବିଧା ପାଇଁ ଆପଣଙ୍କ ପରିବାର ଏବଂ ଡାକ୍ତରଙ୍କ ସହିତ ଆଲୋଚନା କରନ୍ତୁ।
- ସ୍ଥାନୀୟ ଆଇନଗତ ଆବଶ୍ୟକତା ଲାଗି ଜଣେ ବିଶ୍ୱସ୍ତ ଯତ୍ନକାରୀଙ୍କୁ ପାୱାର ଅଫ ଆଟର୍ଣ୍ଣି ଦିଅନ୍ତୁ। ଯଦି ଆପଣ ଆଉ ସକ୍ଷମ ନୁହଁନ୍ତି ତେବେ ଏହି ବ୍ୟକ୍ତି ଆପଣଙ୍କ ପାଇଁ କହିବାକୁ, ଆପଣଙ୍କର ଆର୍ଥିକ ବ୍ୟବସ୍ଥା କରିବାକୁ ଏବଂ ଆପଣଙ୍କର ବିଲ ପଇଠ କରିବାକୁ ଅଧିକାର ପାଇବେ। ଏକ ପାୱାର ଅଫ ଆଟର୍ଣ୍ଣି ବିନା ଏହି ଆବଶ୍ୟକତା ଜଟିଳ ଏବଂ ମହଙ୍ଗା ହୋଇପାରେ।
- ତୁମର ଭୂସମ୍ପତ୍ତି ଏବଂ ଆଇନଗତ ଇଚ୍ଛା ପତ୍ର (will) କୁ ଯଥାଶୀଘ୍ର ପ୍ରସ୍ତୁତ କରନ୍ତୁ। ଯଦି ତୁମର ଘୋର ଧ୍ୟାନ, ଜ୍ଞାନଗତ ସମସ୍ୟା ଅଛି ତେବେ ତୁମେ ତୁମର ଇଚ୍ଛା ପରିବର୍ତ୍ତନ କରିବାରେ ସମର୍ଥ ହେବ ନାହିଁ।

## ଏହାର ଚିକିତ୍ସା ଅଛି କି ?

କେତେକ ଔଷଧ ସାହାଯ୍ୟ କରିପାରିବ ଏବଂ ଏହା ଡିମେନ୍ସିଆ ଥିବା ପିଡ଼ି ରୋଗୀଙ୍କ ଉପରେ ମଧ୍ୟ ଅଧ୍ୟୟନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରିଭାଷ୍ଟିଗ୍ମିନ, ଡୋନେପେଜିଲ, ଗାଲାଣ୍ଟାମିନ୍ ଏବଂ ମେମାଣ୍ଟିନ୍ ଅନ୍ତର୍ଭୁକ୍ତ।

କିଛି ଲୋକ ଯେଉଁମାନେ ଏହି ଔଷଧ ସେବନ କରନ୍ତି, ସେମାନେ ଭଲ ଉନ୍ନତି ଲକ୍ଷ୍ୟ କରନ୍ତି ଏବଂ କିଛି ଲୋକ ସ୍ୱଳ୍ପ ପରିବର୍ତ୍ତନ ଅନୁଭବ କରନ୍ତି। ଏହି ଔଷଧଗୁଡ଼ିକର ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ବାନ୍ତି ଏବଂ ଝାଡ଼ା।

International Parkinson and Movement Disorder Society
555 East Well Street, Suite 1100 • Milwaukee, WI 53202 • +1 414-276-2145 • www.movementdisorders.org
Copyright © 2020 International Parkinson and Movement Disorder Society (MDS). All rights reserved.

MDS-0320-047